# REGIONAL NEWS UNIT, AIR CUTTACK

## Mid-day Bulletin (2.32PM)

**21 March - 2026**

**********************************

## ମୁଖ୍ୟ ସମ୍ବାଦ

- ଜଙ୍ଗଲର ସୁରକ୍ଷା ଏବଂ ସଂରକ୍ଷଣ ପ୍ରତ୍ୟେକ ନାଗରିକଙ୍କର ଦାୟିତ୍ୱ; କହିଲେ ମୁଖ୍ୟମନ୍ତ୍ରୀ

– ଜଙ୍ଗଲ ଓ ଅର୍ଥନୀତିର ବାର୍ତ୍ତା ନେଇ ଆଜି ପାଳନ କରାଯାଉଛି ବିଶ୍ୱ ଜଙ୍ଗଲ ଦିବସ

- ଓଡ଼ିଶାର ସଂସ୍କୃତି ଓ ଐତିହ୍ୟକୁ ବିଶ୍ୱ ଦରବାରରେ ପହଁଞ୍ଚାଇବା ପାଇଁ ଗୁଜୁରାଟରେ ଆରମ୍ଭ ହେଉଛି 'ଓଡ଼ିଶା ପରବ୍'

- ଆନନ୍ଦ ଉଲ୍ଲାସର ସହ ମୁସଲମାନ ସମ୍ପ୍ରଦାୟର ଭାଇଭଉଣୀମାନେ ଆଜି ପାଳନ କରୁଛନ୍ତି ଇଦ୍-ଉଲ୍-ଫଇତର

ଏବଂ

- ପୁରୀ ବେଳାଭୂମିରେ ଆଜିଠାରୁ ଆରମ୍ଭ ହେଲା ଫିଟ୍ ଇଣ୍ଡିଆ କାର୍ଣ୍ଣିଭାଲ

Desk

# ବିଶ୍ୱ ଜଙ୍ଗଲ ଦିବସ

ଜଙ୍ଗଲ ସମ୍ପଦର ସୁରକ୍ଷା, ସଂରକ୍ଷଣ ଏବଂ ପୁନରୁଦ୍ଧାରକୁ ନେଇ ଲୋକମାନଙ୍କ ଭିତରେ ସଚେତନ ସୃଷ୍ଟି କରିବା ପାଇଁ ପ୍ରତିବର୍ଷ ଆଜିର ଦିନକୁ ବିଶ୍ୱ ଜଙ୍ଗଲ ଦିବସ ଭାବେ ପାଳନ କରାଯାଉଛି । ଚଳିତବର୍ଷ ଏହି ଦିବସର ବାର୍ତ୍ତା ରହିଛି 'ଜଙ୍ଗଲ ଓ ଅର୍ଥନୀତି' । ଭୁବନେଶ୍ୱର ଲୋକସେବା ଭବନ ସମ୍ମିଳନୀ କକ୍ଷରେ ଆଜି ବିଶ୍ୱ ବନ ଦିବସ ପାଳନ କରାଯାଇଛି। କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଯୋଗଦେଇ ଜଙ୍ଗଲର ସଂରକ୍ଷଣ ଏବଂ ସୁରକ୍ଷା ଉପରେ ଗୁରୁତ୍ୱାରୋପ କରିଥିଲେ। ବର୍ତ୍ତମାନ ସମୟରେ ଆଧୁନିକ ପ୍ରଯୁକ୍ତିବିଦ୍ୟାର ଉପଯୋଗ କରାଯାଇ ଜଙ୍ଗଲ ନିଆଁକୁ ରୋକିବା ପାଇଁ ପଦକ୍ଷେପ ଗ୍ରହଣ କରାଯାଉଛି। ଜଙ୍ଗଲର ସଂରକ୍ଷଣ ପାଇଁ ସମସ୍ତଙ୍କୁ ପ୍ରତିଶ୍ରୁତିବଦ୍ଧ ହେବାକୁ ଶ୍ରୀ ମାଝୀ ଆହ୍ୱାନ ଦେଇଛନ୍ତି। କାର୍ଯ୍ୟକ୍ରମରେ ଜଙ୍ଗଲ, ପରିବେଶ ଓ ଜଳବାୟୁ ମନ୍ତ୍ରୀ ଗଣେଶ ରାମସିଂହ ଖୁଣ୍ଟିଆ ଉପସ୍ଥିତ ଥିଲେ। ଏହି ଅବସରରେ ଏକ ଫଟୋଚିତ୍ର ପ୍ରଦର୍ଶନୀର ଆୟୋଜନ କରାଯାଇଥିଲା।

ବିଶ୍ୱ ଜଙ୍ଗଲ ଦିବସ ଅବସରରେ ଶୁଣନ୍ତୁ ଢେଙ୍କାନାଳସ୍ଥିତ ଭାରତୀୟ ଜନସଂଚାର ସଂସ୍ଥାନର ଛାତ୍ର ପ୍ରିତମ ପ୍ରିୟାଂଶୁ ମିଶ୍ରଙ୍କ ଏକ ସ୍ୱତନ୍ତ୍ର ରିପୋର୍ଟ...

ଜଙ୍ଗଲ ପରିବେଶଗତ ସନ୍ତୁଳନ ରକ୍ଷା କରିବା ସହିତ ଜନଜୀବନର ଆର୍ଥିକ ବିକାଶ, ନିଯୁକ୍ତି ଏବଂ ସାମୂହିକ କଲ୍ୟାଣରେ ବିଶେଷ ଯୋଗଦାନ ଦେଇଥାଏ। ସମୃଦ୍ଧ ଅରଣ୍ୟ ସମ୍ପଦ, ଜନସାଧାରଣଙ୍କୁ ଖାଦ୍ୟ, ଔଷଧ ଓ କଞ୍ଚାମାଲ ଯୋଗାଇବା ସହିତ ଗ୍ରାମୀଣ ଅର୍ଥନୀତିକୁ ସୁଦୃଢ଼ କରିଥାଏ। ଜଙ୍ଗଲ ପରିଚାଳନା ନିମନ୍ତେ ପ୍ରାକୃତିକ ଜଙ୍ଗଲର ପୁନରୁଦ୍ଧାର, ଜୈବବିବିଧତାର ରକ୍ଷା, ନୂତନ ଜଙ୍ଗଲର ସୃଷ୍ଟି ଏବଂ ଆଖପାଖରେ ବସବାସ କରୁଥିବା ଅଧିବାସୀଙ୍କର ଜୀବନଜୀବିକା ଉନ୍ନତି ପାଇଁ ସରକାରଙ୍କ ପକ୍ଷରୁ ବିଭିନ୍ନ ଯୋଜନା କାର୍ଯ୍ୟକାରୀ କରାଯାଉଛି। ଜଙ୍ଗଲ ବିନା ଜୀବନ ଅସମ୍ଭବ । ବିଗତ କିଛିବର୍ଷ ଧରି ଜଙ୍ଗଲ କ୍ଷୟ ଯୋଗୁଁ ଜଳବାୟୁ ପରିବର୍ତ୍ତନ, ମୃତ୍ତିକା କ୍ଷୟ, ବନ୍ୟା, ମରୁଡି ଭଳି ଅନେକ ସମସ୍ୟା ଦେଖାଦେଉଛି । ଜଙ୍ଗଲରେ ଲାଗୁଥିବା ନିଆଁ ଯୋଗୁଁ ବନ୍ୟ ସମ୍ପଦ ଏବଂ ବନ୍ୟପ୍ରାଣୀ ଧ୍ୱଂସ ପାଉଛନ୍ତି, ଯାହାର ପ୍ରଭାବ ଜୈବ ବିବିଧତା ଉପରେ ଦେଖାଦେଉଛି । ୨୦୧୨ ମସିହା ନଭେମ୍ବର ୨୮ ତାରିଖରେ ଜାତିସଂଘ ଅନ୍ତର୍ଜାତୀୟ ଜଙ୍ଗଲଦିବସ ପାଳନ କରିବା ଲାଗି ନିଷ୍ପତ୍ତି ନେଇଥିଲା ।

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ବିଶ୍ୱ ଜଙ୍ଗଲ ଦିବସରେ ଶୁଭେଚ୍ଛା ଜଣାଇ କହିଛନ୍ତି, ଓଡ଼ିଶା ଜଙ୍ଗଲ ସମ୍ପଦରେ ସମୃଦ୍ଧ। ଜଳବାୟୁ ନିୟନ୍ତ୍ରଣ, ମୃତ୍ତିକା ଅବକ୍ଷୟ ନିୟନ୍ତ୍ରଣ ଓ ଜଳ ସଂରକ୍ଷଣ ତଥା ମୃତ୍ତିକା ସମୃଦ୍ଧିକରଣ କ୍ଷେତ୍ରରେ ଏହାର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି। ଜଙ୍ଗଲ ସମ୍ପଦର ସୁରକ୍ଷା ଓ ସଂରକ୍ଷଣ ଜରିଆରେ ଏକ ସବୁଜ ଓ ସମୃଦ୍ଧ ଓଡ଼ିଶା ଗଢ଼ିବା ପାଇଁ ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ ଆହ୍ୱାନ ଦେଇଛନ୍ତି।

ବିଶ୍ୱ ଜଙ୍ଗଲ ଦିବସ ଉପରେ ବିଶିଷ୍ଟ ପରିବେଶବିତ୍ ରଞ୍ଜନ ପଣ୍ଡା ଆକାଶବାଣୀକୁ ପ୍ରତିକ୍ରିୟାରେ କହିଛନ୍ତି...

**- V/O –**

Desk

## ଓଡ଼ିଶା ପରବ୍

ଓଡ଼ିଶାର ସମୃଦ୍ଧ ଖାଦ୍ୟ, ହସ୍ତଶିଳ୍ପ, ସଂସ୍କୃତି ଏବଂ ସ୍ଥାନଗୁଡ଼ିକ ବିଶ୍ୱ ଦରବାରରେ ପହଁଞ୍ଚାଇବା ପାଇଁ ରାଜ୍ୟ ପର୍ଯ୍ୟଟନ ବିଭାଗ ପକ୍ଷରୁ ଆଜିଠାରୁ ଗୁଜୁରାଟର ଅହମ୍ମଦାବାଦରେ ଓଡ଼ିଶା ପରବ ଆରମ୍ଭ ହେଉଛି। ଉଦ୍‌ଘାଟନୀ ସମାରୋହରେ ଗୁଜୁରାଟ ମୁଖ୍ୟମନ୍ତ୍ରୀ ଭୂପେନ୍ଦ୍ର ଭାଇ ରଜନୀକାନ୍ତ ପଟେଲ, ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା, ଉପମୁଖ୍ୟମନ୍ତ୍ରୀ ହର୍ଷଭାଇ ସଂଘଭୀ ପ୍ରମୁଖ ଯୋଗଦେବେ। ଆସନ୍ତା ସୋମବାର ପର୍ଯ୍ୟନ୍ତ ଚାଲିବାକୁ ଥିବା ଏହି ପରବ୍‌ରେ ଯୋଗଦେବା ପାଇଁ ସମସ୍ତଙ୍କୁ ବିଭାଗ ପକ୍ଷରୁ ଆମନ୍ତ୍ରଣ କରାଯାଇଛି।

Desk

# ଶିକ୍ଷକ ନିଯୁକ୍ତି

ରାଜ୍ୟରେ ଆଉ ଚୁକ୍ତିଭିତ୍ତିକ ଶିକ୍ଷକ ନିଯୁକ୍ତି ହେବ ନାହିଁ ବୋଲି ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ କହିଛନ୍ତି। ଆଗାମୀ ୩ ବର୍ଷ ମଧ୍ୟରେ ରାଜ୍ୟରେ ୪୫ ହଜାର ଶିକ୍ଷକଙ୍କୁ ନିଯୁକ୍ତି ଦିଆଯିବ। ଚଳିତ ବର୍ଷ ୧୫ ହଜାରରୁ ଉର୍ଦ୍ଧ୍ୱ ଶିକ୍ଷକଙ୍କୁ ନିଯୁକ୍ତ କରାଯିବ ବୋଲି ମନ୍ତ୍ରୀ ଶ୍ରୀ ଗଣ୍ଡ କହିଛନ୍ତି।

Desk

# ଧର୍ମେନ୍ଦ୍ର ପ୍ରଧାନ– ବିଶ୍ରାମଗାର ଉଦ୍‌ଘାଟନ

ଅନୁଗୁଳ ବଅଁରପାଳ ଅନ୍ତର୍ଗତ ତୁରଙ୍ଗ ଗ୍ରାମ ପଞ୍ଚାୟତରେ ଆଜି କେନ୍ଦ୍ର ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ନୂତନ ପଞ୍ଚାୟତ ଗୃହ ଓ ଯାତ୍ରୀ ବିଶ୍ରାମଗାରର ଉଦ୍‌ଘାଟନ କରିଛନ୍ତି। ପ୍ରତ୍ୟେକ ଗ୍ରାମରେ ବିକାଶର ଧାରାକୁ ସୁଦୃଢ଼ କରି ଜନସାଧାରଣଙ୍କ ଜୀବନଶୈଳୀରେ ସକାରାତ୍ମକ ପରିବର୍ତ୍ତନ ଆଣିବା ପାଇଁ ଉଭୟ କେନ୍ଦ୍ର ଓ ରାଜ୍ୟ ସରକାର ଉଦ୍ୟମ ଜାରି ରଖିଛନ୍ତି ବୋଲି ଶ୍ରୀ ପ୍ରଧାନ କହିଛନ୍ତି। ଡେରଜାଙ୍ଗ ଡ୍ୟାମଠାରେ କେନ୍ଦ୍ରମନ୍ତ୍ରୀ ବୋଟିଂ ସୁବିଧାର ଶୁଭାରମ୍ଭ କରିଛନ୍ତି। ଯାହାଦ୍ୱାରା ସ୍ଥାନୀୟ ଯୁବକମାନଙ୍କ ପାଇଁ ରୋଜଗାରର ନୂତନ ସୁଯୋଗ ସୃଷ୍ଟି ହେବା ସହିତ ଜିଲ୍ଲାବାସୀଙ୍କୁ ଏକ ଅତ୍ୟାଧୁନିକ ପର୍ଯ୍ୟଟନସ୍ଥଳୀର ଅନୁଭୂତି ମିଳିବ। ଆଗାମୀ ଦିନରେ ଜଙ୍ଗଲ ବିଭାଗ ପକ୍ଷରୁ ଏକ ଇକୋଲଜ୍ ନିର୍ମାଣରଭ ଯୋଜନା ରହିଛି ବୋଲି କେନ୍ଦ୍ରମନ୍ତ୍ରୀ କହିଛନ୍ତି।

Subarnpur/Nuapada/Nabarangpur/BHK/Kendrapara/

# ଇଦ୍-ଉଲ୍-ଫିତର

ମୁସଲମାନ ସମ୍ପ୍ରଦାୟର ଭାଇଭଉଣୀମାନେ ଆଜି ପବିତ୍ର ଇଦ୍-ଉଲ୍-ଫିତର ପାଳନ କରୁଛନ୍ତି । ଏକ ମାସ ଧରି ରୋଜା ଶେଷ ହେବା ପରେ ଆଜି ଇଦ୍ ପାଳନ ପୂର୍ବକ ମସଜିଦ୍ ଓ ଇଦ୍‌ଘା ପଡିଆରେ ସମୂହ ନମାଜପାଠ ଅନୁଷ୍ଠିତ ହେଉଛି ।

ଇଦ୍ ଉପଲକ୍ଷେ ରାଜ୍ୟପାଳ ଡକ୍ଟର ହରିବାବୁ କମ୍ଭମ୍‌ପାଟି ରାଜ୍ୟର ସମସ୍ତ ମୁସଲମାନ ଭାଇଭଉଣୀମାନଙ୍କୁ ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଇଛନ୍ତି । ଶାନ୍ତି, ମୈତ୍ରୀ ଓ ଉଲ୍ଲାସର ଏହି ପର୍ବରେ ସମସ୍ତେ ସାମିଲ ହେବାକୁ ରାଜ୍ୟପାଳ ତାଙ୍କ ବାର୍ତ୍ତାରେ କହିଛନ୍ତି ।

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଇଦ୍-ଉଲ୍-ଫିତର ପର୍ବ ଉପଲକ୍ଷେ ଶୁଭେଚ୍ଛା ଜଣାଇବା ସହ ସମସ୍ତଙ୍କ ସୁଖ, ଶାନ୍ତି ଓ ସମୃଦ୍ଧି କାମନା କରିଛନ୍ତି ।

ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ଇଦ୍‌ର ଶୁଭେଚ୍ଛା ଜଣାଇବା ସହିତ ସମସ୍ତଙ୍କୁ ଦୟା, ଉଦାରତା ଏବଂ ଏକତାର ମୂଲ୍ୟବୋଧକୁ ପାଳନ କରିବା ପାଇଁ କହିଛନ୍ତି।

ରାଜ୍ୟର ବିଭିନ୍ନ ସ୍ଥାନରେ ମୁସଲମାନ ସମ୍ପ୍ରଦାୟର ଭାଇଭଉଣୀମାନେ ଇଦ୍-ଉଲ୍-ଫିତରକୁ ମହାସମାରୋହରେ ପାଳନ କରୁଛନ୍ତି।

ଭଦ୍ରକ ଜିଲ୍ଲା ଇଦ୍‌ଗା, ପୁରୁଣା ବଜାର, ଧାମନଗର ସମେତ ଜିଲ୍ଲାର ୧୪୬ଟି ମସଜିଦ୍‌ରେ ବହୁ ସଂଖ୍ୟକ ମୁସଲମାନ ସମ୍ପ୍ରଦାୟର ଜନସାଧାରଣ ଏକତ୍ର ହୋଇ ନମାଜ ପାଠ କରୁଛନ୍ତି।

କେନ୍ଦ୍ରାପଡ଼ା ଜିଲ୍ଲାର ଫକୀରାବାଦ, ଗୌଡ଼ଗୋପର ମେହବୁବାବାଦ, ମହମ୍ମଦି ମସଜିଦ୍, ରଣପଡ଼ା, ଇଦ୍‌ଗା ମହଲା ଆଦି ସ୍ଥାନରେ ସାମୂହିକ ନମାଜ ପାଠ ପ୍ରାର୍ଥନା ସଭା ଆୟୋଜିତ କରାଯାଇଥିଲା।

ନବରଙ୍ଗପୁର ଜିଲ୍ଲାର ଇଦଗା ପଡ଼ିଆରେ ଏହି ପର୍ବକୁ ଆନନ୍ଦଉଲ୍ଲାସର ସହିତ ପାଳନ କରାଯାଉଛି। ସମସ୍ତେ ପରସ୍ପରକୁ ଇଦ୍‌ର ଅଭିନନ୍ଦନ ଜଣାଉଛନ୍ତି।

ନୂଆପଡ଼ା ଜିଲ୍ଲାରେ ବସବାସ କରୁଥିବା ମୁସଲମାନ ସମ୍ପ୍ରଦାୟର ବ୍ୟକ୍ତିମାନେ ଏକତ୍ର ହୋଇ ସାମୂହିକ ପ୍ରାର୍ଥନା କରିଛନ୍ତି।

ସୁବର୍ଣ୍ଣପୁର ଜିଲ୍ଲା ସଦର ସମେତ ତରଭା, ବିନିକା, ବୀରମହାରାଜପୁର ଓ ନାରାୟଣପୁର ଅଞ୍ଚଳରେ ଥିବା ମୁସଲମାନ ସମ୍ପ୍ରଦାୟର ଭାଇଭଉଣୀମାନେ ଇଦ୍‌ପର୍ବ ପାଳିଛନ୍ତି।

ଇଦ୍ ପର୍ବ ପାଇଁ କଟକ, ସମ୍ବଲପୁର, କେନ୍ଦ୍ରାପଡା, ବାଲେଶ୍ୱର, ଭଦ୍ରକରେ ପୁଲିସ ପକ୍ଷରୁ ସୁରକ୍ଷା ବ୍ୟବସ୍ଥା କରାଯାଇଛି।

Puri/Desk

## ଫିଟ୍ ଇଣ୍ଡିଆ କାର୍ଣ୍ଣିଭାଲ୍

ଦେଶବ୍ୟାପୀ ଫିଟ୍ ଇଣ୍ଡିଆ ଆନ୍ଦୋଳନ ଅଧୀନରେ ଫିଟ୍‌ନେସ୍, ସଂସ୍କୃତି ଏବଂ ସାମ୍ପ୍ରଦାୟିକ ସମ୍ପର୍କକୁ ଏକତ୍ର କରିବାକୁ ସରକାର ଲକ୍ଷ୍ୟ ରଖିଛନ୍ତି ବୋଲି କ୍ରୀଡ଼ାମନ୍ତ୍ରୀ ସୂର୍ଯ୍ୟବଂଶୀ ସୁରଜ କହିଛନ୍ତି। ପୁରୀ ବେଳାଭୂମିର ଗୋଲଡେନ୍ ବିଚ୍‌ରେ ତିନିଦିନିଆ ଫିଟ୍ ଇଣ୍ଡିଆ କାର୍ଣ୍ଣିଭାଲ୍‌କୁ ଉଦ୍‌ଘାଟନ କରି ଶ୍ରୀ ସୁରଜ କହିଛନ୍ତି, ବିକଶିତ ଭାରତ ଲକ୍ଷ୍ୟପୂରଣ ଦିଗରେ ଏହା ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ସାବ୍ୟସ୍ତ ହେବ।

**- V/O -**

କାର୍ଣ୍ଣିଭାଲ୍‌ରେ ପାରମ୍ପରିକ କ୍ରୀଡ଼ା ଓ ସ୍ୱଦେଶୀ କ୍ରୀଡ଼ା ସହିତ ବେଳାଭୂମି କ୍ରିକେଟ, ଭଲିବଲ, କୁସ୍ତି ଆଦି ବେଳାଭୂମି ଭିତ୍ତିକ କ୍ରୀଡ଼ା କାର୍ଯ୍ୟକଳାପ ଆସନ୍ତା ୨୩ ତାରିଖ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ। ସନ୍ଧ୍ୟାରେ ସାଂସ୍କୃତିକ କାର୍ଯ୍ୟକ୍ରମ ଗୋଟି ପୁଅ ନୃତ୍ୟ, ପାଇକ ଆଖଡ଼ା, ସମ୍ବଲପୁରୀ ନୃତ୍ୟ ଆଦି ପ୍ରଦର୍ଶନ କରାଯିବ। କାର୍ଯ୍ୟକ୍ରମରେ ପ୍ରତ୍ୟେକ ଦିନ ୩୦ ମିନିଟ୍ ଯୋଗ କରିବା ପାଇଁ ଜନସାଧାରଣଙ୍କୁ ଅନୁରୋଧ କରାଯାଇଛି।

Koraput

## ସଚିବଙ୍କ କୋରାପୁଟ ଗସ୍ତ

ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ବିକାଶ ସଚିବ ପ୍ରେମ ଚନ୍ଦ୍ର ଚୌଧୁରୀ ଦୁଇଦିନିଆ କୋରାପୁଟ ଜିଲ୍ଲା ଗସ୍ତରେ ଯାଇ ବିଭିନ୍ନ ପ୍ରକଳ୍ପ ପରିଦର୍ଶନ କରିଛନ୍ତି। କୋରାପୁଟ ଜିଲ୍ଲା ଆକାଂକ୍ଷୀ ଜିଲ୍ଲା ଏବଂ ଆକାଂକ୍ଷୀ ବ୍ଲକ

କାର୍ଯ୍ୟକ୍ରମର ସୂଚକଗୁଡ଼ିକର ସମୀକ୍ଷା କରି ଜିଲ୍ଲାସ୍ତରୀୟ ଅଧିକାରୀମାନଙ୍କ ସହିତ ଆଲୋଚନା କରିଛନ୍ତି ।

BHK

## ଗୋଷ୍ଠୀ ପରାମର୍ଶଦାତା ମଣ୍ଡଳୀ ବୈଠକ

ଭଦ୍ରକ ଜିଲ୍ଲା ତିହିଡ଼ି ବ୍ଲକ କୃଷି ସୂଚନା ପରାମର୍ଶ କେନ୍ଦ୍ରରେ ଗୋଷ୍ଠୀ ପରାମର୍ଶଦାତା ମଣ୍ଡଳୀ ବୈଠକ ଅନୁଷ୍ଠିତ ହୋଇଯାଇଛି । ବୈଠକରେ କୃଷି ଅଧିକାରୀ ଅମର ପ୍ରସାଦ ସାହୁ ଯୋଗଦେଇ ଚାଷୀମାନଙ୍କୁ ସରକାରଙ୍କ ବିଭିନ୍ନ ଯୋଜନା ଏବଂ ଚାଷ ମାଧ୍ୟମରେ ଅର୍ଥନୈତିକ ସ୍ୱାବଲମ୍ବନ ଉପରେ ପରାମର୍ଶ ଦେଇଥିଲେ। ଏଥିରେ ବିଭିନ୍ନ ପଞ୍ଚାୟତର ଶତାଧିକ ଚାଷୀ ଓ କୃଷି ପ୍ରତିନିଧି ଯୋଗ ଦେଇଥିଲେ।

Nuapada

## ନାମଲେଖା ପ୍ରକ୍ରିୟା

ନୂଆପଡ଼ା ଜିଲ୍ଲା ଖଡ଼ିଆଲ କେନ୍ଦ୍ରୀୟ ବିଦ୍ୟାଳୟରେ ୨୦୨୬-୨୭ ଶିକ୍ଷା ବର୍ଷ ପାଇଁ ନାମଲେଖା ପ୍ରକ୍ରିୟା ଆରମ୍ଭ ହୋଇଛି । ପ୍ରଥମ ଶ୍ରେଣୀ ପାଇଁ ଗତକାଲିଠାରୁ ଏପ୍ରିଲ ୨ ପର୍ଯ୍ୟନ୍ତ ଅନଲାଇନ୍ ମାଧ୍ୟମରେ ନାମ ପଞ୍ଜୀକରଣ ଆରମ୍ଭ ହୋଇଛି । ଦ୍ୱିତୀୟରୁ ନବମ ଶ୍ରେଣୀ ପାଇଁ ୨ ଏପ୍ରିଲରୁ ୯ ଏପ୍ରିଲ ପର୍ଯ୍ୟନ୍ତ ନାମ ପଞ୍ଜୀକରଣ କରାଯିବ ।

Subarnpur

## ନବରାତ୍ର ପୂଜା

ବାସନ୍ତୀକ ଚୈତ୍ର ପର୍ବ ଅବସରରେ ସୁବର୍ଣ୍ଣପୁର ଜିଲ୍ଲାର ବିଭିନ୍ନ ଶକ୍ତିପୀଠରେ ନବରାତ୍ର ପୂଜା ଆରମ୍ଭ ହୋଇଛି । ଜିଲ୍ଲାର ଅଧିଷ୍ଠାତ୍ରୀ ଦେବୀ ମା' ସୁରେଶ୍ୱରଙ୍କ ପାଖରେ ସ୍ୱତନ୍ତ୍ର ଚଣ୍ଡୀପାଠ ଓ ହୋମଯଜ୍ଞର ଆୟୋଜନ କରାଯାଇଛି ।

Kandhamal

## ଶ୍ରୀଜଗନ୍ନାଥ ଦର୍ଶନ

ଶ୍ରୀଜଗନ୍ନାଥ ଦର୍ଶନ ଯୋଜନାରେ କନ୍ଧମାଳ ଜିଲ୍ଲାରୁ ୧୦୮ ଜଣ ଶ୍ରଦ୍ଧାଳୁ ସ୍ୱତନ୍ତ୍ର ବସ୍ ଯୋଗେ ପୁରୀ ଅଭିମୁଖେ ଯାତ୍ରା ଆରମ୍ଭ କରିଛନ୍ତି । ଜିଲ୍ଲା ପ୍ରଶାସନ ପକ୍ଷରୁ ବରିଷ୍ଠ ନାଗରିକମାନଙ୍କୁ ଶ୍ରୀଜଗନ୍ନାଥ ଦର୍ଶନ ପାଇଁ ସମସ୍ତ ପ୍ରକାର ବ୍ୟବସ୍ଥା କରାଯାଇଛି ।

Nabarangpur

## ପ୍ରଶିକ୍ଷଣ ଶିବିର

ନବରଙ୍ଗପୁର ଜିଲ୍ଲାର ନନ୍-କ୍ୟାଡର ପବ୍ଲିକ ପ୍ରୋସିକ୍ୟୁଟରଙ୍କ ପାଇଁ ଦୁଇଦିନିଆ ଇଣ୍ଡକସନ୍ ଓ ରିଫ୍ରେସର କୋର୍ସର ପ୍ରଶିକ୍ଷଣ ଶିବିର ଆୟୋଜିତ ହୋଇଛି । ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ଜିଲ୍ଲାପାଳ ଡକ୍ଟର ମହେଶ୍ୱର ସ୍ୱାଇଁ ମୁଖ୍ୟ ଅତିଥିଭାବେ ଯୋଗଦେଇ ଆଇନ ବ୍ୟବସ୍ଥାର ସୁଦୃଢ଼ କାର୍ଯ୍ୟାନ୍ୱୟନ ଉପରେ ମତ ରଖିଛନ୍ତି । ଭାରତୀୟ ନ୍ୟାୟ ସଂହିତାର ପେଶାଦାରିତ୍ୱ, ନୈତିକତା ଓ ଦାୟିତ୍ୱବୋଧ ଉପରେ ଶ୍ରୀ ସ୍ୱାଇଁ ଆଲୋଚନା କରିଛନ୍ତି ।